# Official Spokesperson's response to media queries regarding the release of U.S. State Department 2021 Report on International Religious Freedom

June 03, 2022

## ଆନ୍ତର୍ଜାତିକ ଧାର୍ମିକ ସ୍ୱାଧୀନତା ଉପରେ ଆମେରିକାର ବୈଦେଶିକ ବିଭାଗର 2021 ରିପୋର୍ଟ ଜାରିକୁ ନେଇ ଗଣମାଧ୍ୟମ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

ଜୁନ 03, 2022

ଆନ୍ତର୍ଜାତିକ ଧାର୍ମିକ ସ୍ୱାଧୀନତା ଉପରେ ଆମେରିକାର ବୈଦେଶିକ ବିଭାଗର 2021 ରିପୋର୍ଟ ଜାରିକୁ ନେଇ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅରିନ୍ଦମ ବାଗଚି କହିଛନ୍ତି:

"ଆନ୍ତର୍ଜାତିକ ଧାର୍ମିକ ସ୍ୱାଧୀନତା ଉପରେ ଆମେରିକାର ବୈଦେଶିକ ବିଭାଗର 2021 ରିପୋର୍ଟ ଜାରି ହେବା ଏବଂ ଭୁଲ ସୂଚନା ଉପରେ ଆଧାରିତ ଆମେରିକାର ବରିଷ୍ଠ ଅଧିକାରୀଙ୍କ ମନ୍ତବ୍ୟ ବିଷୟରେ ଆମେ ଅବଗତ।

ଆନ୍ତର୍ଜାତିକ ସଂପର୍କ କ୍ଷେତ୍ରରେ ଭୋଟବ୍ୟାଙ୍କ ରାଜନୀତି କରିବା ଦୁର୍ଭାଗ୍ୟଜନକ। ଆମେ ଅନୁରୋଧ କରୁଛୁ ଯେ ଉଦ୍ଦେଶ୍ୟମୂଳକ ତଥ୍ୟ ଓ ପକ୍ଷପାତପୂର୍ଣ୍ଣ ମତ ଉପରେ ଆଧାରିତ ମୂଲ୍ୟାଙ୍କନରୁ ନିବୃତ ରହିବା ଉଚିତ୍।

ଏକ ସ୍ୱାଭାବିକ ବହୁମୁଖୀ ସମାଜ ଭାବରେ ଭାରତ ଧାର୍ମିକ ସ୍ୱାଧୀନତା ଓ ମାନବାଧିକାରକୁ ଗୁରୁତ୍ୱ ଦେଇଥାଏ। ଆମେରିକା ସହିତ ଆମର ଆଲୋଚନାରେ ଆମେ ନିୟମିତ ଭାବରେ ସେଠାରେ ହେଉଥିବା ଜାତି ତଥା ଗୋଷ୍ଠୀ ଆଧାରିତ ଉଦ୍ଦେଶ୍ୟମୂଳକ ଆକ୍ରମଣ, ଘୃଣା ଜନିତ ଅପରାଧ ଏବଂ ବନ୍ଧୁକ ହିଂସା ସମେତ ଚିନ୍ତାର ବିଷୟଗୁଡିକୁ ଉଲ୍ଲେଖ କରିଛୁ।"

ନୂଆଦିଲ୍ଲୀ

ଜୁନ 03, 2022

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.